# Akashvani, Sambalpur

## SAMBALPURI NEWS EVENING BULLETIN

**24 August 2024- 7.02 pm- 7.12 pm.**

*******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ମହାରାଷ୍ଟ୍ରର୍ ଜଲ୍‌ଗାଓଁନ୍ନୁ ଲଖ୍‌ପତି ଦିଦି ମାନ୍‌କର୍ ସାଙ୍ଗେ କର୍‌ବେ କଥାବାର୍ତା ।

- ୧୧ ଲାଖ୍ ନୂଆଁ ଲଖ୍‌ପତି ଦିଦିଙ୍କୁ ଦିଆଯିବା ସାର୍ଟିଫିକେଟ୍ ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଆଏବାକାଏଲ୍ ସଖାଲ୍‌ବେଲା ୧୧ ବଜେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୩- ଡାକ୍ତରୀ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ସାମ୍ବିଧାନିକ୍ ନିୟମ୍ ଅନ୍‌ସାରେ ସଂରକ୍ଷଣ୍ ଦେବାର୍‌କେ ବିଧାନ୍‌ସଭାଥି ବାଚସ୍ପତିଙ୍କର୍ ଦୃଷ୍ଟି ଆକର୍ଷଣ୍ କଲେ ବିରୋଧୀ ଦଲର୍ ସଦସ୍ୟ ।

ଆଉର୍

୪- ଯୁକ୍ତ ୩ ଥି ପହେଲା ଖେପେ ନାଁ ଲେଖେଇ ସାରିଥିବା ଛାତ୍ରଛାତ୍ରୀମାନେ ୨ ନମ୍ବର୍ ଖେପେ ଭିଲ୍ ଏଡ୍‌ମିଶନ୍

ପ୍ରକ୍ରିୟାଥି ଭାଗ୍ ନେଇପାର୍ବେ- କହେଲେ ବିଭାଗୀୟ ମନ୍ତ୍ରୀ ।

ଲଖ୍ପତି ଦିଦି ସାର୍ଟିପିକେଟ    ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ମହାରାଷ୍ଟ୍ରର୍ ଜଲ୍ଗାଓଁ ନୁ ଲଖ୍ପତି ଦିଦି ମାନ୍କର୍ ସାଙ୍ଗେ କଥାବାର୍ତା କର୍ବେ । ଇତାର୍ସହେତେ ୧୧ ଲାଖ୍ ନୂଆଁ ଲଖ୍ପତି ଦିଦିଙ୍କୁ ସାର୍ଟିପିକେଟ୍ ଦେବେ । ଇ କାର୍ଯ୍ୟକ୍ରମ୍ଥି ପ୍ରଧାନ୍ମନ୍ତ୍ରୀ ୫ ହଜାର୍ କୋଟି ଟଙ୍କାର୍ ବେଙ୍କ୍ ଋଣ ଭିଲ୍ ମଞ୍ଜୁର୍ କର୍ବେ । ଯେନ୍ଥିର୍ଲାଗି ୨୫ ଲାଖ୍ ୮ ହଜାର୍ ସଭ୍ୟ ଆଉ ୨ ଲାଖ୍ ୩୫ ହଜାର୍ ୪ ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭ୍ ପାଏବେ । ୩୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍ର ପାଖାପାଖି ୩୦ ହଜାର୍ ଜାଗା ନ ପ୍ରଧାନ୍ମନ୍ତ୍ରୀ ଆଭାସୀ ଜରିଏ ଇ କାର୍ଯ୍ୟକ୍ରମ୍ଥି ଜୁଡ଼ିହେବେ । ଇଥି ଓଡ଼ିଶାର୍ ୯୭ ହଜାର୍ ୨ ଶହ ଲଖ୍ପତି ଦିଦିଙ୍କୁ ପ୍ରମାଣ୍ପତ୍ର ମିଲ୍ବା ।

ମନ୍ କି ବାତ୍    ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ

ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ୫ ନମ୍ବର୍ ୟୁନିଟ୍ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା ସୋମ୍‌ବାର୍ ୨୬ ତାରିଖ୍ ଦିନ ଜନଶୁଣାଣି ବନ୍ଦ୍ ରହେବା । ସେଦିନ ସର୍‌କାରୀ ଛୁଟି ଦିନ୍ ଥିବାର୍‌ନୁ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

୧୭ ନମ୍ବର୍ ବିଧାନ୍‌ସଭାର୍ ୨ ନମ୍ବର୍ ଅଧିବେଶନ୍‌ର ୫ ନମ୍ବର୍ ଦିନେ ଆଏଜ୍ ବିରୋଧୀ ଦଲର୍ ସଭ୍ୟ ମାନେ ଭିନ୍ ଭିନ୍ ପ୍ରସଙ୍ଗ୍‌ଥି କିର୍ଲାଗଗା କର୍‌ବାର୍ ନୁ ଗୃହର୍ କାମ୍ ବାଧା ହେଇଥିଲା । ବାଚସ୍ପତି ସୁରମା ପାଢ଼ୀ ପହେଲା ଗୃହକେ ୧୦ ବଜେନୁ ୧୧ ବାଜିକରି ୫୭ ମିନିଟ୍ ଆଉ ପଛେ ମଏଧାନର୍ ୧୨ ବଜେନୁ ଉପର୍‌ବେଲାର୍ ୪ ବଜେତକ୍ ମୁଲ୍‌ତବୀ ରଖିଥିଲେ । ଶୂନ୍ୟକାଳଥି କଂଗ୍ରେସ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ଗୃହ ନ ସଂରକ୍ଷଣ୍ ପ୍ରସଙ୍ଗ୍ ଉଠେଇଥିଲେ । ବାଚସ୍ପତିଙ୍କର୍ ଦୃଷ୍ଟି ଆକର୍ଷଣ୍ କରିକରି ଶ୍ରୀ କାଡ଼ାମ୍ କହିଥିଲେ ଯେ, ରାଜ୍ୟ ନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଆଉ ଅଲ୍‌ଗା ପଛୁଆ ବର୍ଗର୍ ମୋଟ୍ ଜନସଂଖ୍ୟାର୍ ଶତ୍‌କଡ଼ା ୯୪ ଭାଗ୍ ଅଛନ୍ । ହେଲେ ସେମାନ୍‌କୁ ସମ୍ବିଧାନ୍ ଦେଇଥିବା ସଂରକ୍ଷଣ୍ ବ୍ୟବସ୍ଥା ନାଇଁ ମିଲିପାର୍‌ବା । ଖାସ୍ କରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗକେ ସଂଖ୍ୟା ଅନୁପାତ୍‌ଥି ଉଚ୍ଚଶିକ୍ଷା କ୍ଷେତ୍ରଥି ଖାଲି ୨୦ ପ୍ରତିଶତ୍ ସଂରକ୍ଷଣ୍ ଦିଆଯାଉଛେ । ସେନ୍ତା ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ୍ ସଂରକ୍ଷଣ୍‌ର ନିୟମ୍ ଥିଲେ ଭିଲ୍ ଇଟାକେ ବହୁତ୍ ବଛର୍ ହେବା ସର୍‌କାର୍ ପାଲନ୍ ନାଇଁ କର୍‌ବାର୍ । ଯେନ୍‌ଥିର୍‌ଲାଗି ପଛୁଆ ବର୍ଗର୍ ଛାତ୍ରଛାତ୍ରୀମାନେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନାଁଲେଖା ଲାଗି ଉଚିତ୍ ସ୍ଥାନ୍ ସଂରକ୍ଷଣ୍ ନାଇଁ ପାଇପାର୍‌ବାର୍ ।

ବିଜେଡ଼ି ବିଧାୟକ୍ ଅରୁଣ୍ କୁମାର୍ ସାହୁ ଭିଲ୍ ଗୃହ ନ ସମାନ୍ ଦାବି ଉଠେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୨୯ ତାରିଖିନୁ ଡାକ୍ତରୀ ପାଠ୍ୟକ୍ରମ୍‌ଥି  ନାଁଲେଖା ପ୍ରକ୍ରିୟା ମୁଳ୍ ହେବା । ନାଁଲେଖା ପ୍ରକ୍ରିୟାଥି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଆଉ ଅଲ୍‌ଗା ପଛୁଆ ବର୍ଗର୍ ଛାତ୍ରଛାତ୍ରୀମାନ୍‌କୁ ସାମ୍ବିଧାନିକ୍ ନିୟମ୍ ଅନ୍‌ସାରେ ସ୍ଥାନ ସଂରକ୍ଷଣ୍ କର୍‌ବାର୍ ଲାଗି ଗୃହଥି ବାଚସ୍ପତିଙ୍କର୍ ଦୃଷ୍ଟି ଆକର୍ଷଣ୍ କରିଥିଲେ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ କଟକ୍

ବିଜେଡ଼ି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଆର୍ ମାଧବ ଧଡ଼ାଙ୍କର୍ ବିରୋଧିଥି ଆଏଜ୍ ବିଧାନ୍‌ସଭାଥି ନିନ୍ଦା ପ୍ରସ୍ତାବ୍ ଗୃହୀତ୍ ହେଇଛେ । ପ୍ରଶ୍ନକାଳଥି ଗଲାକାଏଲ୍ ଦୁହି ବିଧାୟକ୍ ଗୃହ ନ ବିଶୃଙ୍ଖଳିତ୍ ଆଚରଣ୍ ଦେଖାବାର୍ ଅଭିଯୋଗ୍ ହେଇଥିଲା । ଶାସକ୍ ଦଲର୍ ବିଧାୟକ୍ ଦୁର୍ଗାପ୍ରସନ୍ନ ନାଏକ୍ ଆଏଜ୍ ଗୃହ ନ ଇ ଦୁହି ବିଧାୟକଙ୍କର୍ ବିରୋଧିଥି ନିନ୍ଦା ପ୍ରସ୍ତାବ୍ ଆଗତ୍ କର୍‌ବାର୍ ଲାଗି ଦାବି କରିଥିଲେ । ଶାସକ୍ ଦଲର୍ ମୁଖ୍ୟ ସଚେତକ ସରୋଜ୍ ପ୍ରଧାନ୍ ଇ ପ୍ରସ୍ତାବ୍ ଆଗତ୍ କରିଥିଲେ । ପ୍ରସ୍ତାବ୍‌କେ ଆଗତ୍ କରିକରି ଶ୍ରୀ ପ୍ରଧାନ୍ କହିଥିଲେ ଯେ, ଦୁହି ବିଧାୟକ୍ ଉଦ୍ଦେଶ୍ୟମୂଲକ୍ ଭାବେ ଗୃହ କାର୍ଯ୍ୟଥି ବାଧା ସୃଷ୍ଟି କରିଥିଲେ । ସଂସଦୀୟ

ପରମ୍ପରା ଅନ୍‌ସାରେ ବାଚସ୍ପତିଙ୍କର୍ ସାମ୍ନାଥି ଅଶୋଭନୀୟ ଆଚରଣ୍ ଦେଖାବାର୍‌ଟା ଗୁଟେ ନିନ୍ଦନୀୟ କାମ୍ ଆଏ । ଶାସକ୍ ଦଲର୍ ମୁଖ୍ୟ ସଚେତକ୍‌ଙ୍କର୍ ପ୍ରସ୍ତାବ୍ ଉପ୍‌ରେ ଗୃହ ନ ଧ୍ୱନି ମତଥି ଦୁହି ବିଧାୟକଙ୍କର୍ ବିରୋଧ୍‌ଥି ନିନ୍ଦା ପ୍ରସ୍ତାବ୍ ପାରିତ୍ ହେଇଥିଲା ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ୩ ପାଠ୍ୟକ୍ରମ୍‌ଥି ପହେଲା ଖେପେ ଭାଗ୍ ନେଇକରି ନାଁ ଲେଖେଇସାରିଥିବା ଛାତ୍ରଛାତ୍ରୀମାନେ ଭିଲ୍ ୨ ନମ୍ବର୍ ଖେପ୍ ଏଡ଼ମିଶନ୍ ପ୍ରକ୍ରିୟାଥି ଭାଗ୍ ନେଇପାର୍‌ବେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଶ୍ରୀ ସୂରଜ୍ ଗୁଟେ ପ୍ରେସ୍ ଇସ୍ତାହାର୍‌ଥି କହିଛନ୍ ଯେ , ଯୁକ୍ତ ୩- ୨ ନମ୍ବର୍ ଖେପ୍ ନାଁଲେଖା ଗଲା ୧୨ ତାରିଖ୍‌ନୁ ମୁଲ୍ ହେଇଛେ ଆଉ ଇ ପ୍ରକ୍ରିୟା ଆଏବା ୨୬ ତାରିଖ୍‌ତକ୍ ଚାଲ୍‌ବା । ଇ ବାବ୍‌ଦେ ଗୁଟେ ଗାଇଡ୍ ଲାଇନ୍ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିଲା । ଯେନ୍‌ଥି ପହେଲା ଖେପେ ନାଁ ଲେଖେଇସାରିଥିବା ଛାତ୍ରଛାତ୍ରୀମାନେ ୨ ନମ୍ବର୍ ଖେପ୍‌ଥି ଭାଗ୍ ନେଇ ନାଇଁପାରନ୍ ବଲି କୁହାଯାଇଥିଲା । ହେଲେ ୨ ନମ୍ବର୍ ଖେପ୍ ନାଁଲେଖା ଆରମ୍ଭ ହେବାର୍ ଉତ୍‌ରୁ ବହୁତ୍ ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କର୍ ତର୍‌ଫୁ ଗାଇଡ୍‌ଲାଇନ୍‌ଥି ସଂଶୋଧନ୍ କରିକରି ପହେଲା ଖେପେ

ନାଁଲେଖେଇ ସାରିଥିବା ଛାତ୍ରଛାତ୍ରୀଙ୍କୁ ନିଜର୍ ମନପସନ୍ଦର କଲେଜ୍ ଆଉ ପାଠ୍ୟକ୍ରମ୍‌ଥି ନାଁ ଲେଖାବାର୍ ଲାଗି ଆଉ ଥରେ ଗୁଟେ ସୁଯୋଗ୍ ଦେବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍‌କେ ଅନୁରୋଧ୍ କରାଯାଇଥିଲା । ଇତାକେ ନଜର୍‌ଥି ରଖିକରି ପହେଲା ଖେପେ ନାଁ ଲେଖେଇସାରିଥିବା ଛାତ୍ରଛାତ୍ରୀମାନେ ୨ ନମ୍ବର୍ ଖେପ୍‌ଥି ଫେର୍‌ଥରେ ଆବେଦନ୍ କରିପାର୍‌ବେ ବଲି ନିଷ୍ପତି ନିଆଯାଇଛେ ।

ପୁରୀ-ରତ୍ନଭଣ୍ଡାର୍          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଥିବା ମାର୍ଗଦର୍ଶିକା ଏସ୍‌ଓପି ଅନ୍‌ସାରେ ପୁରୀ ଶ୍ରୀମନ୍ଦିର୍‌ର ବାହାର ଆର୍ ଭିତର ରତ୍ନଭଣ୍ଡାର୍ ନ ସବୁ ସ୍ଥାନାନ୍ତରଣ୍ ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ ଏଏସ୍‌ଆଇ ଇତାର୍ ସଂରକ୍ଷଣ୍ ଆର୍ ମରାମତି କାମ୍ କର୍‌ବା । ହେଲେ ଇତାର୍ ଆଘୋନୁ ପରିଚାଲନା କମିଟି ନିଷ୍ପତି ଆଧାର୍‌ଥି ଏଏସ୍‌ଆଇ ତର୍‌ଫୁ ରତ୍ନଭଣ୍ଡାର୍‌ର ସାମଗ୍ରିକ ବୈଷୟିକ ଯାଂଚ୍ କରାଯିବାର୍‌କେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ଏଏସ୍‌ଆଇକେ ଚିଠି ଲେଖିଛନ୍ । ଅତ୍ୟାଧୁନିକ୍ ଜ୍ଞାନ୍ କୌଶଲ୍ ବେଭାର୍ କରିକରି ଇ ସର୍ଭେ କରାଯିବାର୍ ଲାଗି ଅନୁରୋଧ୍ କରାଯାଇଛେ । ରତ୍ନଭଣ୍ଡାର୍‌ର ସାମଗ୍ରିକ ବୈଷୟିକ ଯାଂଚ୍ ଶେଷ୍ ହେବାର୍ ଉତ୍‌ରୁ ସାଙ୍ଗେସାଙ୍ଗେ ସଂରକ୍ଷଣ୍ ଆଉ ମରାମତି କାମ୍ ମୁଲ୍

କର୍‌ବାର୍‌ ଲାଗି ଏଏସ୍‌ଆଇକେ ଅନୁରୋଧ୍‌ କରାଯାଇଛେ । ରତ୍ନଭଣ୍ଡାର୍‌ର ମରାମତି ଉତ୍‌ରୁ ଅସ୍ଥାୟୀ ଭାବେ ରଖାଯାଇଥିବା ଶ୍ରୀଜୀଉମାନ୍‌କର୍‌ ଅଲଙ୍କାର୍‌ ଆର୍‌ ମୂଲ୍ୟବାନ୍‌ ଜିନିଷ୍‌ ମାନ୍‌କର୍‌ ଗନ୍‌ତି ମନ୍‌ତି କରାଯାଇକରି ଫେର୍‌ଥରେ ରତ୍ନଭଣ୍ଡାର୍‌କେ ନିଆଯିବା ବଲି ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ କହିଛନ୍‌ ।

ଯୁକ୍ତ ଦୁଇ-ନାଁଲେଖା ଆର୍‌ଏନ୍‌ୟୁ/ କଟକ୍‌

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ କଲେଜ୍‌ମାନ୍‌କେ ଖାଲି ପଡ଼ିଥିବା ସିଟ୍‌ଥି ନାଁଲେଖାବାର୍‌ ଲାଗି ୨ ନମ୍ବର୍‌ ଖେପ୍‌ ଆଏବା ମାସର୍‌ ୬ ତାରିଖ୍‌ନୁ ମୁଲ୍‌ ହେବା । ଅନ୍‌ଲାଇନ୍‌ ଜରିଏ ସାମ୍ସ ଓଡ଼ିଶା ୱେବ୍‌ସାଇଟ୍‌ଥି ନାଁଲେଖା ହେବା । ଦୁଇ ନମ୍ବର୍‌ ଖେପ୍‌ ନାଁଲେଖା ଆଏବା ମାସ ୧୩ ତାରିଖ୍‌ ତକ୍‌ ଚାଲ୍‌ବା ।

ଗଙ୍ଗାଧର୍‌ ମେହେର୍‌-ପ୍ରତିମୂର୍ତ୍ତି ଉନ୍ମୋଚନ୍‌

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍‌ ସିନାପାଲି ଠାନେ ସ୍ୱଭାବ କବି ଗଙ୍ଗାଧର୍‌ ମେହେର୍‌ଙ୍କର୍‌ ଆଏଜ୍‌ ଗୁଟେ ପ୍ରତିମୂର୍ତ୍ତି ଉନ୍ମୋଚନ୍‌

ହେଇଯାଇଛେ । ଇ ଉଧେ ହେଇଥିବା ଗୁଟେ ଉତ୍ସବ୍‌ଥି ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ତହସିଲ୍‌ଦାର୍ ରୂପାଞ୍ଜଳି ମାଝୀ, ନିଖିଲ୍ ଓଡ଼ିଶା ମେହେର୍ ସମାଜ୍ ସଭାପତି ବୈଶମ୍ପାୟନ ମେହେର୍, ନାଗରିକ୍ କମିଟିର୍ ଅଧ୍ୟକ୍ଷ ଡମ୍ବରୁଧର ମେହେର୍, ଗଙ୍ଗାଧର୍ ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର୍ ପ୍ରମୁଖ ଯୋଗ୍ ଦେଇଥିଲେ ।

କୌଶଲ୍ ରଥ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଯୁବଦକ୍ଷତା ବିକାଶ୍ ଲାଗି ସ୍କିଲ୍ ଇଣ୍ଡିଆ ମିଶନ୍ ଆଉ ସ୍କିଲ୍ ଇନ୍ ଓଡ଼ିଶାର୍ ସହଯୋଗ୍‌ଥି ସାରା ରାଏଜେ ବୁଲୁଥିବା କୌଶଲ୍ ରଥ ଆଏଜ୍‌ଠାନୁ ସୁବର୍ଣ୍ଣପୁର୍ ଜିଲ୍ଲା ନ ବୁଲ୍‌ବାର୍ ମୁଲ୍ କରିଛେ । ଇଟାକେ ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଅଶ୍ୱିନୀ କୁମାର୍ ମେହେର୍ ଶାଗୁଆ ପତ୍‌କା ଦେଖେଇକରି ମୁଲ୍ କରିଛନ୍ । ଇ ରଥ ଜିଲ୍ଲାର୍ ୧୮ ଟା ଶିକ୍ଷାନୁଷ୍ଠାନ୍ ଯାଇକରି ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନ୍ ଆଉ ଅର୍ଥନୈତିକ ବିକାଶ୍ ଡିଜିଟାଲ୍ ଜ୍ଞାନ୍‌ର ବିକାଶ୍ ଲାଗି କାମ୍ କର୍‌ବା । ଆଗ୍ରହୀ ବିଦ୍ୟାର୍ଥୀମାନ୍‌କର୍ ଲାଗି କୌଶଲ୍ ରଥ ନ ଭିନ୍ ଭିନ୍ ଅତ୍ୟାଧୁନିକ୍ ଉପକରଣ୍ ଖଞ୍ଜା ଯାଇଥିବାର୍ ବେଲେ ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ୍ ଜ୍ଞାନ୍ ଦେବାର୍ ଲାଗି ସ୍ୱତନ୍ତ୍ର ତାଲିମ୍‌ଦାତା ରହିଛନ୍ ।

## ମହାନଦୀ- ମଗର୍      ବୌଦ୍ଧ ସମ୍ବାଦଦାତା

ମହାନଦୀ ଟିକର୍‌ପଡ଼ା ଇଲାକାନୁ ଆସିକରି ମର୍ଯାକୁଦ ଠାନୁ କର୍ଡି ଆର୍ ହାଟ୍‌ଗାଁ ଭିତ୍‌ରେ ୨ ଟା ମଗର୍ ଚଲ୍‌ପ୍ରଚଲ୍ କରୁଛନ୍ । ବୌଦ୍ଧର ମର୍ଯ୍ୟାକୁଦ ଠାନେ ଦେଖାଦେଇଥିବା ମଗର୍‌ର ଲମ୍ବା ୭ ଫୁଟ୍ ହେଇଥିବାର୍ ବେଲେ କର୍ଡି ଆର୍ ହାଟ୍‌ଗାଁ ପାଖେ ଦେଖାଦେଇଥିବା ମଗର୍‌ର ଲମ୍ବା ୧୧ ଫୁଟ୍ ହେବା ବଲି ଅନୁମାନ୍ କରାଯାଉଛେ । ଜଙ୍ଗଲ୍ ବିଭାଗ୍ ଇମାନ୍‌କର୍ ସୁରକ୍ଷା ଉପ୍‌ରେ ନଜର୍ ରଖିଛେ ଆଉ ଲୁକ୍‌କୁ ନଏଦ୍‌କେ ନାଇଁ ଯିବାର୍‌କେ କୁହାଯାଇଛେ ।

## ଆର୍ଥିକ୍ ସାକ୍ଷରତା- ସଚେତନତା କାର୍ଯ୍ୟକ୍ରମ୍   ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତେଲିବନ୍ଧ୍ ଠାନେ ଆୟୁସ୍ ଫାଉଣ୍ଡେସନ୍ ଆର୍ ଇଣ୍ଡିଆନ୍ ଓଭର୍‌ସିଜ୍ ବେଙ୍କ୍‌ର ଗୁଟେ ଆର୍ଥିକ୍ ସାକ୍ଷରତା ଆଉ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଆୟୁସ୍ ଫାଉଣ୍ଡେସନ୍ ଅଧ୍ୟକ୍ଷ ବିଶିକେଶନ୍ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ନିଜର୍ ଟଙ୍କାକେ ଡାକ୍‌ଘରେ କି ସ୍ୱିକୃତୀ ପାଇଥିବା ବେଙ୍କ୍ ନ ଜମା କରିକରି ସୁରକ୍ଷିତ୍ ରଖିବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଇତାର୍‌ସହେତେ ସାଇବର୍ ଠକେଇ ଲାଗି ସମସ୍ତଙ୍କୁ ସଚେତନ୍ କରାଯାଇଥିଲା ।

## ବୌଦ୍ଧ ଜିଲ୍ଲାପାଲ୍-ସମାଜ୍ କଲ୍ୟାଣ୍ ବିଭାଗ୍ ସମୀକ୍ଷା

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଶିଶୁ ମୃତ୍ୟୁ ଆଉ ମାତୃମୃତ୍ୟୁ ରୁକାଯିବାର୍, ମମତା ଯୋଜ୍‌ନା ପୋଷଣ୍ ଯୋଜ୍‌ନାଥି କେନ୍‌ସି ହିତାଧିକାରୀ ଯେନ୍ତା ଛାଡ଼ି ନାଇଁ ହେବେ ସେଥିର୍‌ଲାଗି ଯତ୍ନବାନ୍ ହେବାର୍‌କେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାପାଲ୍‌ଙ୍କର୍ ସଭାଗୃହ ନ ଜିଲ୍ଲାସ୍ତରୀୟ ସମାଜ୍ ମଙ୍ଗଲ୍ ବିଭାଗ୍‌ର ଭିନ୍ ଭିନ୍ ବିଭାଗ୍‌ର ସମୀକ୍ଷା କରିକରି ଜିଲ୍ଲାପାଲ୍ ଶ୍ରୀ ପଣ୍ଡା ସମସ୍ତଙ୍କୁ ଠିକ୍ ସମିଆ, ସ୍ୱଚ୍ଛତା ଆଉ ନିୟମ୍ ଅନ୍‌ସାରେ କାମ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ । ବୈଠକ୍‌ଥି ସମନ୍ୱିତ ଶିଶୁ ବିକାଶ୍ ଯୋଜ୍‌ନା ମାନ୍‌କର୍ ସଫଲ୍ ପରିଚାଳନା ଲାଗି ଟିକିନିକ୍ ଆଲୋଚନା କରାଯାଇଥିଲା ।

## ହୀରାକୁଦ୍ ଜଲ୍‌ଭଣ୍ଡାର୍

ସମ୍ବଲ୍‌ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଉପର୍ମୁଡେ ଜବର୍ ବର୍ଷା ହେବାର୍ନୁ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ବଢ଼ିଛେ । ହେଥିର୍ଲାଗି ଏଛେନ୍ ଜଲ୍ଭଣ୍ଡାର୍ନୁ ୧୪ ଟା ଗେଟ୍ ଖୁଲାଯାଇକରି ଫି ସେକେଣ୍ଡ୍ଥି ୨ ଲାଖ୍ ୫୭ ହଜାର୍ ଶହେ ୪୭ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୬୮ ହଜାର୍ ଶହେ ୯୪ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ । ଆଏଜ୍ ସଞ୍ଜ୍ବେଲର୍ ୬ ବଜେ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୧ ଦଶ୍ମିକ୍ ୫/୨ ଫୁଟ୍ ରହିଥିଲା ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ଉତର୍ବଙ୍ଗୋପ୍ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍ଥି ଆଏବା ୨ ଦିନ୍ତକ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ବର୍ଷାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ସମ୍ବଲ୍ପୁର୍, ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ, ଦେବ୍ଗଡ଼୍, ବର୍ଗଡ଼୍, ସୁବର୍ଣ୍ଣପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା ଜିଲ୍ଲା ସହେତେ ଆଉ କେତେଟା ଜିଲ୍ଲା ନ ଆଏବା କାଏଲ୍ ସଖାଲ୍ତକ୍ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇଥିର୍ଲାଗି ପାଣିପାଗ୍ ବିଭାଗ୍ ତର୍ଫୁ ଇ ଜିଲ୍ଲାମାନ୍କେ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।